




## ସଂକ୍ଷେପରେ

### ପଲିଥିନ୍ ଧରପଗଡ଼, ଜରିମାନା ଆଦାୟ

ଆସିକା,୧୭।୩ (ଡି.ଏନ୍.ଏ.): ଆସିକା ଏନ୍ଏସି ପକ୍ଷରୁ ମଙ୍ଗଳବାର ବିଭିନ୍ନ ଦୋକାନବଜାର ଯାଞ୍ଚବେଳେ ତିନୋଟି ସ୍ଥାନରେ ପଲିଥିନ୍ ଥିବା ପ୍ରଶାସନ ନଜରକୁ ଆସିଥିଲା। ଏନ୍ଏସି ପକ୍ଷରୁ ସମ୍ପୃକ୍ତ ଦୋକାନ ମାଲିକମାନଙ୍କଠାରୁ ୫ ହଜାର ଟଙ୍କା ଲେଖାଏ ମୋଟ ୧୫ ହଜାର ଜରିମାନା ଆଦାୟ କରାଯାଇଥିବା ଜଣାପଡିଛି। ଏଥିମଧ୍ୟରେ ୨ଟି ଦୋକାନରୁ ପାଣି ପାଉଚ୍ ଓ ଗୋଟିଏ ଦୋକାନରୁ ପଲିଥିନ୍ ଜବତ କରାଯାଇଥିଲା। ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ପଣ୍ଡା, ତହସିଲଦାର୍ ସଦାନନ୍ଦ ସେଠୀ ଓ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଏହି ଚଢ଼ାଉରେ ସାମିଲ୍ ଥିଲେ।

### ୮୫ କେଜି ଗଞ୍ଜେଇ ଜବତ, ୬ ଗିରଫ

ସୋରଡ଼ା,୧୭।୩(ଡି.ଏନ୍.ଏ.)- ସୋରଡ଼ାରେ ୩ ଦିନରେ ଅବକାରୀ ବିଭାଗ, ପୋଲିସ ପକ୍ଷରୁ ପୃଥକ୍ ଭାବେ ଚଢ଼ାଉ କରାଯାଇ ୮୫ କେଜି ଗଞ୍ଜେଇ, ୩ କାର, ୨ ବାଇକ୍, ୩ ମୋବାଇଲ ସହିତ ୪୦୧୦ ଟଙ୍କା ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୬ ଜଣଙ୍କୁ ଗିରଫ କରାଯାଇଛି। ଶନିବାର ଅବକାରୀ ବିଭାଗ ଗାଜଲ ବାଡ଼ି ଘାଟି ରାସ୍ତାରେ ଚଢ଼ାଉ କରି ୩୫ କେଜି ୬୦୦ ଗ୍ରାମ ଗଞ୍ଜେଇ ସମେତ ୨ ବାଇକ୍ ଓ ଗୋଟିଏ କାର୍ ଜବତ ସହ କନ୍ଧମାଳ ଜିଲାର ବେନ୍ ଦିଗାଲ, କାର୍ତ୍ତିକ ଦିଗାଲ, ପ୍ରେମାନନ୍ଦ ଦିଗାଲଙ୍କୁ ଧରିଥିଲା। ସେହିପରି ସ୍ଥାନୀୟ ପୋଲିସ ରବିବାର ଗୋଛା ଛକରେ ପାଟ୍ରୋଲିଂ ବେଳେ ବାଲିଗୁଡ଼ାରୁ ଭୁବନେଶ୍ୱର ଯାଉଥିବା ୨ କାର୍ ଜବତ କରିବା ସହ କନ୍ଧମାଳ ଜିଲା କଣାସ ନୂଆଁଗା ଗଣିପଡ଼ାର ଜଳନ୍ଧର ସାହୁ, ପଦରେଇପଡ଼ାର ସୁଜିତ୍ କୁମାର ଦିଗାଲ, ସାରଙ୍ଗଗଡ଼ର କେଶବ ବେହେରାଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ୩ ମୋବାଇଲ ଫୋନ୍ ସହ ନଗଦ ୪୦୧୦ ଟଙ୍କା ଜବତ ହୋଇଛି। ଅବକାରୀ ବିଭାଗ ପକ୍ଷରୁ ଅତିରିକ୍ତ ତହସିଲଦାର କୋରେଶ କୁମାର ଜାନିଙ୍କ ଉପସ୍ଥିତିରେ ନଂ. ୧୦୮, ୧୦୯, ୧୧୦ ରୁଜୁ ହୋଇଛି ଏବଂ ନଂ. ୬୫/୨୦ ଅନୁଯାୟୀ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ରମେଶ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

# ଶେରଗଡ଼ର ଦେବାଶିଷଙ୍କୁ ସ୍ୱର୍ଣ୍ଣ

## ଫେଡେରେଶନ ଜାତୀୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତା

ଶେରଗଡ଼,୧୭।୩(ଡି.ଏନ୍.ଏ.)

ଦିଲ୍ଲୀଠାରେ ମଙ୍ଗଳବାର ଫେଡେରେଶନ ଜାତୀୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଶେରଗଡ଼ ପାଇକସାହିର ଦେବାଶିଷ ମହାନ୍ତି ଶକ୍ତିଉତ୍ତୋଳନ ୨୬୫ କେଜି ବର୍ଗରେ ପ୍ରଥମସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଗତ ୧୪ରୁ ୧୭ପର୍ଯ୍ୟନ୍ତ ଦିଲ୍ଲୀଠାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ସଫଳତା ନେଇ ଶେରଗଡ ଥାନା ଅଧିକାରୀ ରମେଶ ଚନ୍ଦ୍ର ଦାସ, ଦୁର୍ଗା ମାଧବ ବିଷୋୟୀ, ପାଣ୍ଡବ ବେହେରା, ବିଡିଓ ସୁରଞ୍ଜନ କୁମାର ସାହୁ, ତହସିଲଦାର ଡ. ଦୟାସିନ୍ଧୁ ପରିଡ଼ା, ଦେବୀପ୍ରସାଦ ଦାଶ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ପ୍ରକାଶ ଯେ, ଦେବାଶିଷ ଶେରଗଡ ଥାନାରେ ଗୃହରକ୍ଷୀ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କ ବାପା ରମେଶ ମଧ୍ୟ ଜଣେ ଗୃହରକ୍ଷୀ। ଉଭୟେ ଶେରଗଡ଼ ଥାନାରେ କାର୍ଯ୍ୟରତ। ଦେବାଶିଷ ହୋମଗାର୍ଡ କାମରେ ଯୋଗ ଦେବାଠାରୁ ଶକ୍ତି ଉତ୍ତୋଳନ ପ୍ରତି ମନୋନିବେଶ କରିଥିଲେ। ଡ୍ୟୁଟି ସହ ସେ ଏନେଇ ଅଭ୍ୟାସ ଜାରି ରଖିଥିଲେ। ଗତବର୍ଷ କେରଳର କୋୟମ୍ବାଟୁରରେ ଏକ ସଂସ୍ଥାଦ୍ୱାରା ଅନୁଷ୍ଠିତ ଜାତୀୟ ସ୍ତରୀୟ ଶକ୍ତି ଉତ୍ତୋଳନରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହାପରେ ତାଙ୍କୁ ଗୃହରକ୍ଷୀ ବିଭାଗ ପକ୍ଷରୁ ସହକାରୀ କମାଣ୍ଡାଣ୍ଟ ମାନସ ରଞ୍ଜନ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭୁବନେଶ୍ୱରସ୍ଥିତ ଏକ ପ୍ରତିଷ୍ଠାନରେ ଟ୍ରେନିଂ ବ୍ୟବସ୍ଥା କରାଯାଇଥିଲା।


ଦେବାଶିଷଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଉଛି।

# କରୋନା: ଦୋକାନ ବଜାର, ମନ୍ଦିର ବନ୍ଦ

ଆସିକା,୧୭।୩ (ଡି.ଏନ୍.ଏ.)

କରୋନାର ଭୟାବହତାକୁ ନେଇ ପ୍ରଶାସନ ପକ୍ଷରୁ ସୋମବାର ସନ୍ଧ୍ୟାରୁ ଔଷଧ, ଫଳ ଓ ପନିପରିବା ଓ ତେଜାରାତି ଦୋକାନକୁ ଛାଡି ଅନ୍ୟ ଦୋକାନବଜାର ବନ୍ଦ ଲାଗି ସୂଚନା ଦିଆଯାଇଥିଲା। ଏହିସବୁ ଦୋକାନ ବନ୍ଦ ଯୋଗୁ ମଙ୍ଗଳବାର ଆସିକା ବଜାର ଖାଁ ଖାଁ ରହିଥିଲା। ରାସ୍ତାଘାଟରେ ମଧ୍ୟ ଅନ୍ୟ ଦିନମାନଙ୍କ ଅପେକ୍ଷା କମ୍ ଲୋକ ଦେଖିବାକୁ ମିଳିଥିଲା। ବିଭିନ୍ନ ଅଫିସ୍ ଓ କୋର୍ଟ କଚେରୀ ଖୋଲା ରହିଥିଲେ ମଧ୍ୟ କାର୍ଯ୍ୟାଳୟ ସବୁ ଏକ ପ୍ରକାର ଜନଶୂନ୍ୟ ଥିବା ଦେଖାଦେଇଛି। ଆସିକାର ଆରାଧ୍ୟ ଦେବୀ ମା' ଖମ୍ବେଶ୍ୱରୀ ଓ କାଳିମୁଖୀଙ୍କ ପୀଠରେ ଚୈତ୍ର ମଙ୍ଗଳବାର ପର୍ବ ବନ୍ଦ ରହିଥିଲା ବେଳେ ବିଭିନ୍ନ ସ୍ଥାନରୁ ଶିଶୁଙ୍କ ମୁଣ୍ଡନ ଓ ପୂଜାର୍ଚ୍ଚନା ଲାଗି ଆସିଥିବା ଶ୍ରଦ୍ଧାଳୁ ନିରାଶ ହୋଇ ମନ୍ଦିର ସାମନାରେ ମୁଣ୍ଡିଆମାରି ଫେରିଥିବା ଦେଖିବାକୁ ମିଳିଥିଲା। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତଥା ଆସିକା ଏନ୍ଏସିର ପ୍ରଶାସକ ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ତହସିଲଦାର୍ ସଦାନନ୍ଦ ସେଠୀ, କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର



## ଆଳୁ, ପିଆଜ, ରାଶନ ଦୋକାନରେ ଚଢ଼ାଉ

ପଣ୍ଡା, ଆସିକା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ମଧ୍ୟାହ୍ନରେ ବିଭିନ୍ନ ଆଳୁପିଆଜ ଗୋଦାମ ଓ ତେଜରାତି ଗୋଦାମ ଉପରେ ଚଢ଼ାଉ କରିଥିଲେ। ଅତ୍ୟାବଶ୍ୟକ ସାମଗ୍ରୀ ନିର୍ଦ୍ଧାରିତ ଦରରେ ବିକ୍ରି କରିବା ସହ ଦର ତାଲିକା ଲଗାଇବାକୁ ବ୍ୟବସାୟୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ପରିସ୍ଥିତିରେ ଅତ୍ୟାବଶ୍ୟକ ସାମଗ୍ରୀର କଳାବଜାରୀ କଲେ ଦୃଢ କାର୍ଯ୍ୟାନୁଷ୍ଠାନ ନିମନ୍ତେ ମଧ୍ୟ ପ୍ରଶାସନ ପକ୍ଷରୁ ତାଗିଦ୍ କରାଯାଇଥିବା ଜଣାଯାଇଛି।

# ୨୨ ଦାଦନ ଶ୍ରମିକଙ୍କ ସ୍ୱାସ୍ଥ୍ୟ ନିରୀକ୍ଷଣ


ଭଞ୍ଜନଗର ମେଡ଼ିକାଲରେ କରୋନା ଭୂତାଣୁ ସଚେତନତା କେନ୍ଦ୍ର।

## କରୋନା ଭୟରେ ଭଞ୍ଜନଗର ବଜାର ଜନଶୂନ୍ୟ

ଭଞ୍ଜନଗର,୧୭।୩(ଡି.ଏନ.ଏ)

କରୋନାକୁ ନେଇ ଲୋକେ ଭୟଭୀତ ଥିବାବେଳେ ୧୪୪ ଧାରା ଜାରି ହେବାପରଠୁ ଭଞ୍ଜନଗର ବଜାର ଜନଶୂନ୍ୟ ହୋଇପଡ଼ିଛି। ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି ହେଉଥିବା ଦୋକାନ ଗୁଡ଼ିକ ଖୋଲା ରହୁଥିବାବେଳେ ଅନ୍ୟ ଦୋକାନ ପ୍ରାୟ ବନ୍ଦ ରହିଛି। ଏଥିସହ ମେଡ଼ିକାଲକୁ ମଧ୍ୟ ଲୋକେ ପ୍ରାୟ ଆଉ ଯାଉନାହାନ୍ତି। କେବଳ ରୋଗୀ ଏବଂ ସେମାନଙ୍କ ସହଯୋଗୀ ଯାଉଥିବା ଲକ୍ଷ୍ୟ କରାଯାଉଛି। ଅପରପକ୍ଷେ ରାଜ୍ୟ ବାହାରେ ଦାଦନ ଶ୍ରମିକଭାବେ କାମ କରୁଥିବା ଜିଲାର ହଜାର ହଜାର ଲୋକେ ଗାଁକୁ ଫେରିଆସୁଛନ୍ତି। ସେଥିମଧ୍ୟରୁ କେତେଜଣ ଆପେ ଭଞ୍ଜନଗର ଉପଖଣ୍ଡ ମେଡ଼ିକାଲକୁ ଯାଇ ସ୍ୱାସ୍ଥ୍ୟ ଉପରେ କରୋନା ଭୂତାଣୁ ହେଲ୍ପଡ଼େସ୍କରେ ନାମ ପଞ୍ଜୀକରଣ କରିଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ନେଇ ନିରୀକ୍ଷଣ କରାଯାଇଛି। ମଙ୍ଗଳବାର ଅପରାହ୍ନ ୫ଟା ସୁଦ୍ଧା ୨୨ଜଣ ଦାଦନ ଶ୍ରମିକ ଆସିଥିବା ଜଣାପଡ଼ିଛି। କରୋନକୁ କିଭଳି ମୁକାବିଲା କରାଯିବ ସେନେଇ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି।

## ତପ୍ତପାଣି କନ୍ଧୁଣୀଦେବୀ, ମୃଗ ବିହାରକୁ ପର୍ଯ୍ୟଟକଙ୍କୁ ମନା

ପାଟପୁର,୧୭।୩: ଗଞ୍ଜାମ-ଗଜପତି ସୀମାନ୍ତରେ ଥିବା ଓଡ଼ିଶାର ପର୍ଯ୍ୟଟନସ୍ଥଳର ମାନ୍ୟତା ପାଇଥିବା ତପ୍ତପାଣି ମା' କନ୍ଧୁଣୀଦେବୀ ଓ ମୃଗ ବିହାରକୁ ପର୍ଯ୍ୟଟକଙ୍କ ପ୍ରବେଶ ବନ୍ଦ କରାଯାଇଛି। ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ମୃଗ ବିହାର ପାନ୍ଥ ନିବାସକୁ ମଧ୍ୟ କ୍ଲୋଜ ନୋଟିସ ଲଗାଯାଇଛି। ଏଥିସହ ଫରେଷ୍ଟ ପାର୍କ ମଧ୍ୟ ବନ୍ଦ ରଖାଯାଇଛି। ପାନ୍ଥ ନିବାସରେ ପର୍ଯ୍ୟଟକଙ୍କ ପାଇଁ ବୁକିଂ ମନା ହୋଇଥିବା ମ୍ୟାନେଜର ବାସୁଦେବ ମହାରଣା କହିଛନ୍ତି। ତପ୍ତପାଣି କନ୍ଧୁଣୀ ଦେବୀକୁ କୌଣସି ପର୍ଯ୍ୟଟକ ଆସୁନଥିବା ମନ୍ଦିର ମୁଖ୍ୟ ପୂଜାରୀ ଚନ୍ଦ୍ରଶେଖର ଜାନି କହିଛନ୍ତି।


"ଧରିତ୍ରୀ" ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ
ଆସିକା ବ୍ଲକ୍ ଅନ୍ତର୍ଗତ ଭେଟନଇ ଗ୍ରାମପଞ୍ଚାୟତର
ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।
ଶ୍ରୀ ଅମୂଲ୍ୟ କୁମାର ଉପାଧ୍ୟାୟ
ସରପଞ୍ଚ, ଭେଟନଇ ଗ୍ରାମପଞ୍ଚାୟତ
ଅଧକ୍ଷ, କୃଷ୍ଣସାର ସୁରକ୍ଷା ସମତି, ଆସିକା

"ଧରିତ୍ରୀ" ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ
ଆସିକା ବ୍ଲକ୍ ଅନ୍ତର୍ଗତ ନଳବଣ୍ଟା ଗ୍ରାମପଞ୍ଚାୟତର
ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।
ଶ୍ରୀ ଭଗବାନ ପ୍ରଧାନ
ଅଧକ୍ଷ, ଆତ୍ମା ଆସିକା ବ୍ଲକ୍
ଶ୍ରୀମତୀ ସୁମିତ୍ରା ପ୍ରଧାନ
ସରପଞ୍ଚ, ନଳବଣ୍ଟା ଗ୍ରାମପଞ୍ଚାୟତ

"ଧରିତ୍ରୀ" ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ
ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।
ଶ୍ରୀ ଦୟାନିଧି ମହାନ୍ତି
ଡାଇରେକ୍ଟର, ଆସିକା ସମବାୟ ଚିନିଶିଳ୍ପ
ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ

"ଧରିତ୍ରୀ" ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ
ଆସିକା ବ୍ଲକ୍ ଅନ୍ତର୍ଗତ ଗହଙ୍ଗୁ ଗ୍ରାମପଞ୍ଚାୟତର
ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।
ଶ୍ରୀମତୀ ଇନ୍ଦୁ ପ୍ରଧାନ
ସରପଞ୍ଚ, ଗହଙ୍ଗୁ ଗ୍ରାମପଞ୍ଚାୟତ
ଆସିକା (ଗଞ୍ଜାମ)

"ଧରିତ୍ରୀ" ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ
ଆସିକା ଏନ୍.ଏ.ସି.ର
ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।
ଶ୍ରୀ ପ୍ରମୋଦ କୁମାର ତ୍ରିପାଠୀ
ପୂର୍ବତନ କାଉନସିଲର, ଲାଲାଶାସନ
ଆସିକା (ଗଞ୍ଜାମ)

"ଧରିତ୍ରୀ" ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ
ଜନସାଧାରଣଙ୍କୁ ନିବେଦନ
କୃଷ୍ଣସାର ମୃଗ ଗଂଜାମ ଜିଲ୍ଲାର ଗର୍ବ ଓ ଗୌରବ
ଆସନ୍ତୁ, ଏହି ଜୀବର ସୁରକ୍ଷା ଲାଗି ସଂକଳ୍ପବଦ୍ଧ ହେବା ।
ଜଙ୍ଗଲର ସୁରକ୍ଷା କରନ୍ତୁ, ପରିବେଶକୁ ସନ୍ତୁଳିତ ରଖନ୍ତୁ ।
ଶ୍ରୀ ପ୍ରସନ୍ନକୁମାର ସାହୁ,
ବନାଞ୍ଚଳ ଅଧିକାରୀ, ଆସିକା

"ଧରିତ୍ରୀ" ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ
ଆସିକା ବ୍ଲକ୍ ଅନ୍ତର୍ଗତ ବଡଖୋଲି ଗ୍ରାମପଞ୍ଚାୟତର
ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।
ଶ୍ରୀମତୀ ଭାଗ୍ୟଲତା ବିଷୋୟୀ
ସରପଞ୍ଚ, ବଡଖୋଲି ଗ୍ରାମପଞ୍ଚାୟତ
ଶ୍ରୀ ନାଗାର୍ଜୁନ ବିଷୋୟୀ
ଯୁବ ବିଜେଡି ନେତା, ଆସିକା (ଗଞ୍ଜାମ)

On the birth anniversary of
"Dharitri" Berhampur Edition.
With best compliments from
SRI MIHIR KUMAR SAHU
Asst. Executive Engineer, R.W.S.S.
Aska (Ganjam)

"ଧରିତ୍ରୀ" ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ
ଆସିକା ବ୍ଲକ୍ ଅନ୍ତର୍ଗତ ଆଲିପୁର ଗ୍ରାମପଞ୍ଚାୟତର
ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।
ଶ୍ରୀ ମନୋଜ କୁମାର ନାହାକ
ସରପଞ୍ଚ ଆଲିପୁର ଗ୍ରାମପଞ୍ଚାୟତ
ଆସିକା (ଗଞ୍ଜାମ)

"ଧରିତ୍ରୀ" ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ
ଆସିକା ବିଧାନସଭା ନିର୍ବାଚନ ମଣ୍ଡଳିର
ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।
ଶ୍ରୀ ରାଜେଶ୍ ପଟ୍ଟନାୟକ
ଯୁବ ବିଜେଡି ନେତା, ଆସିକା
ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ଓ ପୂର୍ବତନ ଅଧକ୍ଷ, ଆତ୍ମା

"ଧରିତ୍ରୀ" ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ
ଆସିକା ବ୍ଲକ୍ ଅନ୍ତର୍ଗତ କାଳଶଣ୍ଡପୁର ଗ୍ରାମପଞ୍ଚାୟତର
ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।
ଶ୍ରୀ ଧନମାଳି ସିୟ
ସରପଞ୍ଚ, କାଳଶଣ୍ଡପୁର ଗ୍ରାମପଞ୍ଚାୟତ
ଆସିକା (ଗଞ୍ଜାମ)

"ଧରିତ୍ରୀ" ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ
ଧରାକୋଟ ବ୍ଲକ୍ ର
ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।
ଶ୍ରୀ ଭଗବାନ ସ୍ୱାଇଁ
ଉପାଧ୍ୟକ୍ଷ, ଧରାକୋଟ ପଞ୍ଚାୟତ ସମିତି
ଜାହାଡା (ଗଞ୍ଜାମ)

"ଧରିତ୍ରୀ" ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ
ଆସିକା ବ୍ଲକ୍ ଅନ୍ତର୍ଗତ ହରିଡାପଦର ଗ୍ରାମପଞ୍ଚାୟତର
ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।
ଶ୍ରୀମତୀ ସୁନିତା କୁମାରୀ ବିଶ୍ୱାଳ
ସରପଞ୍ଚ, ହରିଡାପଦର ଗ୍ରାମପଞ୍ଚାୟତ
ଆସିକା (ଗଞ୍ଜାମ)

"ଧରିତ୍ରୀ" ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ
ଆସିକା ବ୍ଲକ୍ ଅନ୍ତର୍ଗତ ବାବନପୁର ଗ୍ରାମପଞ୍ଚାୟତର
ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।
ଶ୍ରୀ ଅନିଲ୍ କୁମାର ନାୟକ
ବ୍ଲକ୍ ଯୁବ ବିଜେଡି ସଭାପତି, ଆସିକା
ଶ୍ରୀମତୀ ସୌଦାମିନୀ ନାୟକ
ସରପଞ୍ଚ, ବାବନପୁର ଗ୍ରାମପଞ୍ଚାୟତ

"ଧରିତ୍ରୀ" ବ୍ରହ୍ମପୁର ସଂସ୍କରଣର
ସ୍ୱନକ୍ଷତ୍ର ଉତ୍ସବ ଅବସରରେ
ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।
ଶ୍ରୀମତୀ ଭାରତୀ ମହାପାତ୍ର
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଆସିକା

"ଧରିତ୍ରୀ" ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ
ଆସିକା ବ୍ଲକ୍ ଅନ୍ତର୍ଗତ ଖଣ୍ଡଦେଉଳି ଗ୍ରାମପଞ୍ଚାୟତର
ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।
ଶ୍ରୀମତୀ ବନିତା କୁମାରୀ ସ୍ୱାଇଁ
ସରପଞ୍ଚ, ଖଣ୍ଡଦେଉଳି ଗ୍ରାମପଞ୍ଚାୟତ
ଆସିକା (ଗଞ୍ଜାମ)

"ଧରିତ୍ରୀ" ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ
ଆସିକା ବ୍ଲକ୍ ଅନ୍ତର୍ଗତ ଖାରିଆ ଗ୍ରାମପଞ୍ଚାୟତର
ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।
ଶ୍ରୀ ଅରବିନ୍ଦ ଲେଙ୍କା
ସରପଞ୍ଚ, ଖାରିଆ ଗ୍ରାମପଞ୍ଚାୟତ
ଆସିକା (ଗଞ୍ଜାମ)

On the birth anniversary of
"Dharitri" Berhampur Edition.
With best compliments from
SRI RAMESH CHANDRA PANDA
Asst. Executive Engineer, P.H.E.D.
Aska (Ganjam)

## ସଂକ୍ଷେପରେ

### ଗାଡ଼ି ଡିକିରୁ ୪୯ ହଜାର ଟଙ୍କା ଲୁଟ୍ ଅଭିଯୋଗ

**ବ୍ରହ୍ମପୁର ଅଫିସ,୧୭।୩:** ସହରର ଜନଗହଳିପୂର୍ଣ୍ଣ କମାପଲ୍ଲୀ ଭେଣ୍ଡିଂଜୋନ ନିକଟରେ ଥିବା ଏକ ସ୍କୁଟିରୁ ଦୁର୍ବୃତ୍ତମାନେ ଡିକି ଭାଙ୍ଗି ୪୮,୮୦୦ ଟଙ୍କା ଲୁଟି ନେଇଥିଲେ। ଗାଡି ଚାଳକ ସୁବାସ ଚନ୍ଦ୍ର ପଟ୍ଟନାୟକ ପାଟି କରିବା ବେଳକୁ ଦୁର୍ବୃତ୍ତମାନେ ଟଙ୍କା ଧରି ଫେରାର ହୋଇଯାଇଥିଲେ। ଅଭିଯୋଗ ପରେ ବୈଦ୍ୟନାଥପୁର ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସେଠାରେ ଲାଗିଥିବା ସିସି ଟିଭି ଫୁଟେଜ ସଂଗ୍ରହ କରି ଲୁଟେରାଙ୍କୁ ଧରିବାକୁ ଚେଷ୍ଟା ଚଳାଇଛି ବୋଲି ଥାନାଧିକାରୀ ସାରଦା ପ୍ରସନ୍ନ ଦାସ କହିଛନ୍ତି।

ଘଟଣାରୁ ପ୍ରକାଶ, ବାଞ୍ଛାନିଧି ନଗରରେ ରହୁଥିବା ସାଉଥ୍‌କୋର ଜଣେ କର୍ମଚାରୀ ସୁବାସ ଏକ ଘର ନିର୍ମାଣ କରୁଛନ୍ତି। ସେ ମଙ୍ଗଳବାର ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ମୁଖ୍ୟ ଶାଖାରୁ ପ୍ରଥମେ ୫୦ ହଜାର ଉଠାଇ ଥିଲେ। ପରେ ମେଡିକାଲ କ୍ୟାମ୍ପସ ଏସ୍‌ବିଆଇରୁ ପୁଣି ୫୦ ହଜାର ଟଙ୍କା ଉଠାଣ କରିଥିଲେ। ସେ ସମସ୍ତ ଟଙ୍କା ଗାଡି (ନଂ ଓଡ଼ି୦୭ ଏସି-୬୩୪୮)ରେ ରଖି ପରିବା କିଣିବା ପାଇଁ ଯାଇଥିଲେ। ସୁବାସ ଗାଡି ନିକଟକୁ ଆସିବା ବେଳେ ଜଣେ ଯୁବକ ତାଙ୍କ ଡିକିରୁ ଟଙ୍କା ନେଇଯାଉଥିବା ଦେଖି ସେ ଚିତ୍କାର କରିଥିଲେ। ଅନ୍ୟ ଜଣଙ୍କ ଗାଡ଼ିରେ ବସି ଉକ୍ତ ଯୁବକ ଚମ୍ପଟ ମାରିଥିଲେ। ସୁବାସ ଗାଡି ନିକଟକୁ ଆସି ଦେଖିବା ବେଳେ ୨୦୦ ଟଙ୍କା ପଡିଥିଲା ଏବଂ ଡିକି ଖୋଲାଥିଲା। ଗାଡି ଡିକି ଖୋଲି ଦେଖିବା ବେଳେ ସେଥିରେ ୫୧ ହଜାର ଟଙ୍କା ରହିଥିଲା। ପରେ ସୁବାସ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ଲୁଟେରାମାନେ ସୁବାସଙ୍କୁ ବ୍ୟାଙ୍କରୁ ପିଛା କରି ଭେଣ୍ଡିଂ ଜୋନ୍ ନିକଟରୁ ଡିକି ଭାଙ୍ଗି ଟଙ୍କା ନେବାରେ ସଫଳ ହୋଇଛନ୍ତି।

### ୬ ପର୍ଯ୍ୟଟକ ଗୋପାଳପୁର ଛାଡ଼ିବେ ଆଜି

**ଗୋପାଳପୁର,୧୭।୩:** ବିଶ୍ୱରେ କରୋନା ଭାଇରସ ଆତଙ୍କ ଖେଳାଇଛି। ଏହାର ମୁକାବିଲା ପାଇଁ ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶରେ ବହୁ ସଚେତନତା କରାଯାଉଛି। ଗୋପାଳପୁରର ବିଭିନ୍ନ ଦୋକାନ ବଜାର ବନ୍ଦ କରିଛି ପୋଲିସ ପ୍ରଶାସନ। ଜରୁରୀକାଳିନ ସେବା ରାଶନ, ଔଷଧ ଓ ଫଳ ଦୋକାନ ଖୋଲା ରଖିବା ପାଇଁ ନିର୍ଦ୍ଦେଶ ଜାରି ହୋଇଛି। ଅନ୍ୟପଟେ ଫ୍ରାନ୍ସର ଜଣେ, ଇଂଲଣ୍ଡର ୩ ଜଣ ଓ ଜର୍ମାନୀର ୨ ଜଣ ପର୍ଯ୍ୟଟକ ଟୁରିଷ୍ଟ ଭିସାରେ ଆସି ଗୋପାଳପୁରସ୍ଥିତ ମେ ଫେୟାର ହୋଟେଲରେ ରହୁଥିଲେ। ବୁଧବାର ସେମାନଙ୍କୁ ଗୋପାଳପୁର ଛାଡ଼ିବା ପାଇଁ ପୋଲିସ ନିର୍ଦ୍ଦେଶ ଦେଇଛି। ଅନ୍ୟମାନଙ୍କୁ କୌଣସି ବଡ଼ ହୋଟେଲରେ ରହିବା ପାଇଁ ବୁକିଂ ବାରଣ କରାଯାଇଥିବା ନେଇ ଥାନାଧିକାରୀ ବିବେକାନନ୍ଦ ମହନ୍ତ କହିଛନ୍ତି।

# ବନ୍ଦ ଥିବା ବଜାର ଅଞ୍ଚଳ ବୁଲିଲେ ଜିଲାପାଳ

**ବ୍ରହ୍ମପୁର ଅଫିସ, ୧୭।୩**

କରୋନା ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ କଠୋର ପଦକ୍ଷେପ ଗ୍ରହଣ କରାଯାଉଛି। ରବିବାରରୁ ଗଞ୍ଜାମ ଜିଲାରେ ଭିଡ ତଥା ଜନଗହଳିକୁ ଏଡାଇବା ନେଇ ୧୪୪ ଧାରା ଜାରି କରାଯାଇଛି। ଏହି କ୍ରମରେ ସୋମବାରରୁ ସହରର ସମସ୍ତ ଭେଣ୍ଡିଂଜୋନ୍, ଜରୁରୀକାଳିନ ସେବା ପ୍ରଦାନ କରୁଥିବା ଦୋକାନ ବ୍ୟତୀତ ସମସ୍ତ ବଡ ଦୋକାନ, ବଜାର, ସପିଂ ମଲ, ମାର୍କେଟ କମ୍ପ୍ଲେକ୍ସକୁ ବନ୍ଦ କରାଯାଇଛି। ମଙ୍ଗଳବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସହରର ବିଭିନ୍ନ ମାର୍କେଟ କମ୍ପ୍ଲେକ୍ସ ବୁଲି ଜନସାଧାରଣଙ୍କୁ ସଚେତନ କରିବା ସହ ଖୋଲା ରଖିଥିବା କିଛି ଦୋକାନୀ ଓ ଲଜିଂକୁ ତାଗିଦ କରିଛନ୍ତି।

କରୋନା ସାରାବିଶ୍ୱରେ ଭୟଙ୍କର ରୂପ ନେଉଥିବା ବେଳେ ଓଡିଶାରେ ଜଣେ ଚିହ୍ନଟ ହେବା ପରେ ଜିଲା ପ୍ରଶାସନ ତତ୍ପର ହୋଇଉଠିଛି। ଜିଲାରେ ୧୪୪ ଧାରା ଲାଗୁ କରିବା ସହ ସହରର ସମସ୍ତ ଦୋକାନ, ବଜାର, ଶପିଂମଲକୁ ବନ୍ଦ କରାଯାଇଛି। ମଙ୍ଗଳବାର ବନ୍ଦ କରାଯାଇଥିବା ଶପିଂମଲ, ଦୋକାନ ବଜାର ବନ୍ଦ ନେଇ ଜିଲାପାଳ ତଦାରଖ କରିଥିଲେ। ଜିଲାପାଳଙ୍କ ସମେତ ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ, ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଡାକବାଜି ଯନ୍ତ୍ରଦ୍ୱାରା ପ୍ରଚାର କରିବା ସହ ସହରର ବିଭିନ୍ନ ବଜାର ଅଞ୍ଚଳ ବୁଲି ସଚେତନ କରିଥିଲେ। ବୁଲିବା ବେଳେ କେତେକ ଦୋକାନ ଖୋଲିଥିବା ଦେଖିବାକୁ ମିଳିଥିଲା। ଉକ୍ତ ଦୋକାନୀଙ୍କୁ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ତାଗିଦ କରିବା ସହ ତୁରନ୍ତ ବନ୍ଦ କରିବାକୁ କହିଥିଲେ। କରୋନା ନେଇ କଟକଣା ନ ଉଠିବା ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିବେଦନ କରିଥିଲେ।



ଜିଲାପାଳ, କମିଶନର, ଉପଜିଲାପାଳ ବଜାର ଅଞ୍ଚଳ ବୁଲୁଛନ୍ତି।

**ପ୍ରଶାସନର କରୋନା ମୁକାବିଲା**
- ଖୋଲା ଥିବା ଦୋକାନୀଙ୍କୁ ତାଗିଦ୍
- ପରିଷ୍କାର, ପରିଚ୍ଛନ୍ନ ରଖିବାକୁ ନିର୍ଦ୍ଦେଶ

# ରେଳଷ୍ଟେଶନରେ କମିଛି ଟିକେଟ ବିକ୍ରି

**କ୍ୟାନସେଲ ହେଉଛି ରିଜର୍ଭେଶନ ଟିକେଟ**

କରୋନା ଯୋଗୁ ରେଳଯାତ୍ରା ପ୍ରଭାବିତ ହୋଇଛି। ରେଳରେ ଦୂରସ୍ଥାନକୁ ଯାତ୍ରା ପାଇଁ ପୂର୍ବରୁ ଟିକଟ କରିଥିବା ଯାତ୍ରୀମାନେ ଏବେ ବାତିଲ କରୁଥିବା ସୂଚନା ମିଳିଛି। ବ୍ରହ୍ମପୁର ଷ୍ଟେଶନରେ ଗତ ଦୁଇଦିନ ମଧ୍ୟରେ ଅଣସଂରକ୍ଷିତ ତଥା ଜେନେରାଲ ଟିକେଟ ବିକ୍ରି ହ୍ରାସ ପାଇଥିବା ବେଳେ ରିଜର୍ଭେଶନ ବୁକିଂ ବୃଦ୍ଧି ପାଇବା ପରିବର୍ତ୍ତେ କ୍ୟାନ୍‌ସଲ ହେଉଥିବା ଜଣାପଡିଛି। ମିଳିଥିବା ସୂଚନା ପ୍ରକାରେ, ପ୍ରତ୍ୟେକ ଦିନ ରେଳଷ୍ଟେଶନରେ ୬ ଲକ୍ଷର ରିଜର୍ଭେଶନ ଟିକଟ ବୁକିଂ ହେଉଥିଲା। କିନ୍ତୁ ଗତ ଦୁଇଦିନ ମଧ୍ୟରେ ବୁକିଂ ପରିବର୍ତ୍ତେ ୩ ଲକ୍ଷ ଟଙ୍କାର ଟିକଟ କ୍ୟାନ୍‌ସଲ ବାବଦରେ ପ୍ରଦାନ କରାଯାଇଥିବା ଷ୍ଟେଶନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ସେହିପରି ପ୍ରତ୍ୟେକ ଦିନ ରେଳଷ୍ଟେଶନର ଅଣସଂରକ୍ଷିତ କାଉଣ୍ଟରରୁ ୯ ହଜାର ଲୋକ ଟିକଟ କ୍ରୟ କରୁଥିବା ବେଳେ ସୋମବାର ୬ ହଜାର ଲୋକ ଟିକଟ କ୍ରୟ କରିଥିବା ଜଣାପଡିଛି।



ବ୍ରହ୍ମପୁର ରେଳଷ୍ଟେଶନ ରିଜର୍ଭେଶନ କାଉଣ୍ଟର।

## ମୀନାକ୍ଷୀ ଆତ୍ମାହୁତି ଘଟଣା / ଆଇଜିପିଙ୍କ ତଦନ୍ତ ଆରମ୍ଭ

**ବ୍ରହ୍ମପୁର ଅଫିସ,୧୭।୩**

ବିଜେଡି ନେତ୍ରୀ ମୀନାକ୍ଷୀ ମିଶ୍ର ଫେବୃୟାରୀ ୧୨ ତାରିଖରେ ପୁଅ ରାଜା ଓରଫ କୃତ୍ତିବାସ ମିଶ୍ରଙ୍କୁ ନ୍ୟାୟ ଦେବା ପାଇଁ ବ୍ରହ୍ମପୁର ଏସ୍‌ପିଙ୍କୁ ସାକ୍ଷାତ କରିବାକୁ ଯାଇଥିଲେ। ସେଠାରେ ଏସ୍‌ପି କୌଣସି କାମ ପାଇଁ ବାହାରକୁ ଯାଇଥିବା ବେଳେ ଜଣେ ଅତିରିକ୍ତ ଏସ୍‌ପିଙ୍କୁ ଭେଟିଥିଲେ। ନ୍ୟାୟ ନ ପାଇ ସେ ନିରାଶ ହୋଇ ଶେଷରେ ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ କିରୋସିନ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗତ ୨୧ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାର ତଦନ୍ତ ପାଇଁ ମଙ୍ଗଳବାର ଆଇଜିପି (ଆଧୁନିକୀକରଣ) ରେଖା ଲୋହାନି ବ୍ରହ୍ମପୁର ଆସିଥିଲେ। ସେ ଉକ୍ତ ଘଟଣା ସହିତ ଯେଉଁମାନେ ଜଡିତ ଥିଲେ ସେମାନଙ୍କୁ ପଚରାଉଚରା କରିଥିଲେ।

ଘଟଣା ସମ୍ପର୍କିତ ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲେ। ଏହା ସହିତ ମୀନାକ୍ଷୀଙ୍କ ପୁଅ, ଭଉଣୀ, ଅଭିଯୋଗକାରୀ, ପୋଲିସ କର୍ମଚାରୀ ଓ ମାମଲାର ତଦନ୍ତକାରୀ ଅଧିକାରୀଙ୍କଠାରୁ ବିଭିନ୍ନ ବିଷୟରେ ବୁଝିଥିଲେ ବୋଲି ଦକ୍ଷିଣାଞ୍ଚଳ ରେଞ୍ଜ ଡିଆଇଜି ସତ୍ୟବ୍ରତ ଭୋଇ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଜାନୁୟାରୀ ୨୮ରେ କେତେକ ଦୁର୍ବୃତ୍ତ ଇଂଜିନିୟରିଂ ସ୍କୁଲ ଛକ ନିକଟ ପଣ୍ଡା କଲୋନୀ ଯାଇ ମୀନାକ୍ଷୀଙ୍କ ସମ୍ମୁଖରେ ତାଙ୍କ ପୁଅ ରାଜାଙ୍କୁ ଆକ୍ରମଣ କରିଥିଲେ। ସେ ଏହାର ପ୍ରତିବାଦ କରିବାରୁ ଦୁର୍ବୃତ୍ତମାନେ ମୀନାକ୍ଷୀଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏନେଇ ସେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହି ଘଟଣାରେ ପର୍ଯ୍ୟାୟକ୍ରମେ ୫ ଜଣଙ୍କୁ ଗିରଫ କରିଥିଲା। ଅନ୍ୟପଟେ ଜଣେ ଅଭିଯୁକ୍ତଙ୍କ ଅଭିଯୋଗ କ୍ରମେ ପରବର୍ତ୍ତୀ ସମୟରେ ମୀନାକ୍ଷୀଙ୍କ ପୁଅ ରାଜାଙ୍କୁ ମଧ୍ୟ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# କରୋନା ମୁକାବିଲା ପାଇଁ ସ୍ୱତନ୍ତ୍ର କକ୍ଷ

**ବ୍ରହ୍ମପୁର ଅଫିସ,୧୭।୩**

**ବ୍ରହ୍ମପୁର ବଡ ମେଡିକାଲ**

କରୋନା ସ୍ଥିତି ଏବେ ସାଂଘାତିକ। ବର୍ତ୍ତମାନ ବିଶ୍ୱର ୧୫୮ ଦେଶରେ ଏହି ଭାଇରସ୍ ତାର କାୟା ବିସ୍ତାର କରିସାରିଲାଣି। ଏଥିଯୋଗୁ ସ୍କୁଲ ଓ କଲେଜ ବନ୍ଦ ରହିଛି। ଓଡିଶାରେ ଜଣେ ଯୁବକଙ୍କ କରୋନା ଭାଇରସ୍ ପଜିଟିଭି ଥିବା ଜଣାପଡ଼ିଛି। ସରକାର ଲୋକଙ୍କୁ ସଂକ୍ରମଣରୁ ରୋକିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେଉଛନ୍ତି। ଜନ ସଚେତନତା ବୃଦ୍ଧି ହେଲେ ସଂକ୍ରମଣକୁ ରୋକାଯାଇ ପାରିବ ବୋଲି ଏମ୍‌କେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ଡ଼. ସନ୍ତୋଷ କୁମାର ମିଶ୍ର କହିଛନ୍ତି। ଏହାର ମୁକାବିଲା ପାଇଁ ଏମ୍‌କେସିଜି ମେଡିକାଲ ପ୍ରସ୍ତୁତ ରହିଛି। ଏଥିପାଇଁ ଡାକ୍ତର ଓ ନର୍ସମାନେ ମଧ୍ୟ ସଜାଗ ହୋଇ ରହିଛନ୍ତି। ଯେଉଁମାନେ ବିଦେଶରୁ ଫେରୁଛନ୍ତି ସେମାନଙ୍କ ନାମ ପଞ୍ଜୀକରଣ ପାଇଁ ସରକାର ଏକ ଅଭିନବ ପଦକ୍ଷେପ ନେଇଛନ୍ତି। ଏହା ହେବା ଫଳରେ ସେମାନଙ୍କୁ ପରବର୍ତ୍ତୀ ସମୟରେ ଟ୍ରାକିଂ କରାଯାଇ ସଂକ୍ରମଣକୁ ଯଥା ସମ୍ଭବ ରୋକାଯାଇପାରିବ ବୋଲି ସେ କହିଛନ୍ତି। ସୋମବାର ଜଣେ ଇଂଜିନିୟରିଂ ଛାତ୍ର ତାଙ୍କ ସମ୍ପର୍କୀୟଙ୍କ ଘର ପାକିସ୍ତାନର କାଜାକାସ୍ଥାନ ଯାଇ ଫେରିଥିବା ବେଳେ ତାଙ୍କର ଜ୍ୱର ସହ କାଶ ହୋଇଥିଲା। ପରେ ତାଙ୍କୁ ଏମ୍‌କେସିଜି ମେଡିକାଲର ସ୍ୱତନ୍ତ୍ର ୱାର୍ଡରେ ରଖାଯାଇଛି। ମଙ୍ଗଳବାର ତାଙ୍କର ସ୍ୱାବ୍ ପରୀକ୍ଷା ପାଇଁ ଭୁବନେଶ୍ୱର ଆରଏମ୍‌ଅରସିକୁ ପଠାଯାଇଛି। ସେହିପରି ଦିଗପହଣ୍ଡି ଅଞ୍ଚଳର ଜଣେ ସନ୍ଦିଗ୍ଧଙ୍କ ସ୍ୱାବ ପରୀକ୍ଷା ପାଇଁ ପଠାଯାଇଛି ବୋଲି ସେ କହିଛନ୍ତି। ମଙ୍ଗଳବାର ରେଳଷ୍ଟେଶନରେ ଜ୍ୱରରେ ପୀଡିତ ଥିବା ଜଣେ ବୃଦ୍ଧଙ୍କୁ ଅଣାଯାଇ କରୋନା ୱାର୍ଡରେ ଭର୍ତ୍ତି କରାଯାଇଛି। ଅନ୍ୟପଟେ ଉକ୍ତ ୱାର୍ଡରେ ଥିବା ୨ ସନ୍ଦିଗ୍ଧଙ୍କ ରିପୋର୍ଟ ନେଗେଟିଭ ଆସିବା ପରେ ତାଙ୍କୁ ଘରକୁ ପଠାଇ ଦିଆଯାଇଛି ବୋଲି ଅଧୀକ୍ଷକ କହିଛନ୍ତି। ବର୍ତ୍ତମାନ ଗୋଟିଏ ସ୍ୱତନ୍ତ୍ର କରୋନା ୱାର୍ଡ ରହିଛି। ଯେଉଁଥିରେ ୧୨ ଶଯ୍ୟା ରହିଛି। କରୋନା ପଜିଟିଭ ଆସିଲେ ଅନ୍ୟ ଏକ ୱାର୍ଡ ରହିଛି। ଯେଉଁଥିରେ ୧୩ ଶଯ୍ୟା ରହିଛି। ଦରକାର ପଡ଼ିଲେ ଆଉ ଏକ ୱାର୍ଡ ଖୋଲାଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ଏମ୍‌କେସିଜି ହସ୍‌ପିଟାଲରେ ଖୁବଶୀଘ୍ର ଏକ କରୋନା ଆଉଟଡୋର ଖୋଲାଯିବ। ସନ୍ଦିଗ୍ଧଙ୍କୁ ପ୍ରାଥମିକ ଚିକିତ୍ସା ପରେ ସ୍ୱତନ୍ତ୍ର ୱାର୍ଡ ତଥା ପୃଥକୀକରଣ କକ୍ଷରେ ରଖାଯାଇ ଚିକିତ୍ସା କରାଯିବ।

# ଜିଲାର ଶକ୍ତିପୀଠ ପ୍ରଭାବିତ କରିଛି କରୋନା

**ବ୍ରହ୍ମପୁର ଅଫିସ,୧୭।୩**

ବ୍ରହ୍ମପୁର ମହାନଗରରେ କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ଗଞ୍ଜାମ ଜିଲା ପ୍ରଶାସନ ଓ ବିଏମ୍‌ସି (ମହାନଗର ନିଗମ) ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ରେଶମ ନଗରୀ ଶୂନ୍‌ଶାନ୍ ହୋଇଯାଇଛି। ଏଭଳି ପଦକ୍ଷେପ ନିଆଯିବା ୧୫୨ ବର୍ଷର ପୁରାତନ ପୌରାଞ୍ଚଳରେ ପ୍ରଥମ ଘଟଣା ହୋଇଥିବା ପୁରୁଣା କାଳିଆ ଲୋକଙ୍କ ପ୍ରତିକ୍ରିୟାରୁ ସୂଚନା ମିଳିଛି। କେବଳ ବ୍ୟବସାୟ ବାଣିଜ୍ୟ ନୁହେଁ କରୋନା ଆତଙ୍କ ପ୍ରସିଦ୍ଧ ଶକ୍ତିପୀଠଗୁଡ଼ିକୁ ପ୍ରଭାବିତ କରିଥିବା ଲକ୍ଷ୍ୟ କରାଯାଇଛି।

ବ୍ରହ୍ମପୁରର ଆରାଧ୍ୟ ଦେବୀ ମା' ବୁଢ଼ୀ ଠାକୁରାଣୀ ମନ୍ଦିରରେ ଚୈତ୍ର ମଙ୍ଗଳବାର ଦର୍ଶନ ପାଇଁ ଭକ୍ତଙ୍କ ଗହଳି ବହୁ ପରିମାଣରେ କମିଯାଇଥିଲା। ସବୁ ମଙ୍ଗଳବାର ସକାଳୁ ରାତି ଯାଏ ପ୍ରବଳ ଭିଡ଼ ହେଉଥିବା ବେଳେ ଚୈତ୍ର ଦ୍ୱିତୀୟ ମଙ୍ଗଳବାରରେ ପ୍ରାୟ ଖାଁ ଖାଁ ହୋଇଯାଇଥିଲା। ସନ୍ଧ୍ୟା ଦର୍ଶନ ପାଇଁ କେତେକ ଭକ୍ତ ମୁହଁରେ ମାସ୍କ ବାନ୍ଧି ମନ୍ଦିର ବେଢ଼ାକୁ ଯାଇଥିବା ଦେଖିବାକୁ ମିଳିଥିଲା।

ଜିଲା ସାରା ୧୪୪ ଧାରା ଜାରି ଯୋଗୁ ଗଞ୍ଜାମର ପ୍ରସିଦ୍ଧ ଶକ୍ତିପୀଠ ତାରାତାରିଣୀ ମନ୍ଦିରରେ ମଧ୍ୟ ଚୈତ୍ର ଦ୍ୱିତୀୟ ପାଳି ମଙ୍ଗଳବାରରେ କଡ଼ା କଟକଣା ମଧ୍ୟରେ ପାଳିତ ହୋଇଥିଲା। ହନୁମାନ ପୀଠଗୁଡ଼ିକରେ ମଧ୍ୟ ଦର୍ଶନ ପାଇଁ ବଜରଙ୍ଗୀ ଭକ୍ତଙ୍କ ଆଶାନୁରୂପ ଗହଳି ହୋଇ ନ ଥିଲା। ବ୍ରହ୍ମପୁର ଉପକଣ୍ଠ ବାଲ୍ୟ ଠାକୁରାଣୀଙ୍କ ସମେତ ଜିଲାର ଶକ୍ତିପୀଠ ଶ୍ୟାମଳାଇ, ଖମ୍ବେଶ୍ୱରୀ, ବାଳକୁମାରୀ, ରତନେଇ, ରାମଚଣ୍ଡୀ, ଜୟଚଣ୍ଡୀ, ବିମଳା ଓ ଅନ୍ୟ ମନ୍ଦିରଗୁଡିକରେ ମଧ୍ୟ କରୋନା ଆତଙ୍କରୁ ଭକ୍ତଙ୍କ ଭିଡ଼ ହୋଇ ନ ଥିବା ବିଭିନ୍ନ ସୂତ୍ରରୁ ଖବର ମିଳିଛି।

## ନାମକୁ ମାତ୍ର ଚାଲିଛି ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜ / ଅସୁବିଧାରେ ଯୁବତୀ, ଯୁବକ

**ବ୍ରହ୍ମପୁର ଅଫିସ,୧୭।୩**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭଞ୍ଜବିହାରରେ ଏକ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜ ରହିଛି। ଦକ୍ଷିଣ ଓଡିଶାର ୧୦ ଜିଲା ଯଥା ଗଞ୍ଜାମ, ନବରଙ୍ଗପୁର, କଳାହାଣ୍ଡି, ଗଜପତି, କନ୍ଧମାଳ,ବୌଦ୍ଧ, ନୂଆପଡା, କୋରାପୁଟ,ମାଲକାନଗିରି ଏବଂ ରାୟଗଡା। ଏହି ସବୁ ଜିଲାର ଯେଉଁ ସବୁ ଯୁବତୀଯୁବକମାନେ ସ୍ନାତକ ପାଠପଢା ସାରିଥିବେ ସେମାନେ ଏହି କେନ୍ଦ୍ରରେ ନାମ ପଞ୍ଜୀକରଣ କରିଥାନ୍ତି। ଏହା ହେଉଛି ଦକ୍ଷିଣ ଓଡିଶାର ଏକମାତ୍ର ନାମ ପଞ୍ଜୀକରଣ କେନ୍ଦ୍ର। ଶହ ଶହ କି.ମି. ଅତିକ୍ରମ କରି ଚାକିରି ଆଶାରେ ଯୁବତୀ ଯୁବକମାନେ ଟଙ୍କା ଖର୍ଚ୍ଚ କରି ନାମ ପଞ୍ଜୀକରଣ କରିବା ପାଇଁ ଆସନ୍ତି। କିନ୍ତୁ ସରକାରଙ୍କ ପକ୍ଷରୁ ଖୋଲାଯାଇଥିବା ଏହି କେନ୍ଦ୍ର ଅବସ୍ଥା କହିଲେ ନ ସରେ। ଏହା ଛୁଟି ଦିନ ବ୍ୟତୀତ ସବୁବେଳେ କାର୍ଯ୍ୟକରିବା କଥା। କିନ୍ତୁ ଏହି କେନ୍ଦ୍ର ସପ୍ତାହକୁ ୩ ଦିନ ଯଥା ସୋମବାର,ବୁଧବାର ଓ ଶୁକ୍ରବାର କାର୍ଯ୍ୟ କରୁଛି। ଅନେକ ସମୟରେ ବନ୍ଦ ରହୁଥିବାରୁ ପଞ୍ଜୀକରଣ କରିବା ପାଇଁ ଆସୁଥିବା ଯୁବତୀ ଯୁବକମାନେ ନିରାଶରେ ଫେରୁଛନ୍ତି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଯୋଗାଇ ଦେଇଥିବା ଏହି କୋଠା କେତେବେଳେ କେଉଁ ମୁହୂର୍ତ୍ତରେ ଭୁଶୁଡ଼ି ପଡ଼ିବ ତାହା କହି ହେଉ ନାହିଁ। ଏହି କେନ୍ଦ୍ରରେ କାର୍ଯ୍ୟ କରୁଥିବା ଜଣେ ଅଧିକାରୀଙ୍କୁ ପଚାରିବାରୁ ଆମ ପାଖରେ ବର୍ତ୍ତମାନ କର୍ମଚାରୀଙ୍କର ଅଭାବ ରହିଛି। ଫଳରେ ଆମକୁ ଦିନେ ଛାଡି ଦିନେ ଆସିବାକୁ ପଡୁଛି। ଏହି ବିଷୟରେ ଆମେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲୁ, ସେ କିଛି ଶୁଣୁ ନ ଥିବା କହିଛନ୍ତି। ଆମେ ବ୍ରହ୍ମପୁର ଆଞ୍ଚଳିକ କାର୍ଯ୍ୟାଳୟରେ କାମ ସାରି ଆସିବାକୁ ପଡୁଛି।

ଏହି କେନ୍ଦ୍ରରେ ଆଗରୁ ୨୦୧୨ରେ ୩ ଜଣ କର୍ମଚାରୀ ଥିଲେ। ସେମାନେ ଅବସର ନେବାପରେ ସରକାର ଆଉ ନୂତନ ନିଯୁକ୍ତି ଦେଇନାହାନ୍ତି। ଆମେ ଦୁଇଟି କେନ୍ଦ୍ର ବୁଝିବା ଦ୍ୱାରା ବହୁତ କଷ୍ଟ ହେଉଛି। ଦିନକୁ ପ୍ରାୟ ୩୫ରୁ ଊର୍ଦ୍ଧ୍ୱ ଯୁବତୀ, ଯୁବକ ନାମ ପଞ୍ଜୀକରଣ କରିବା ପାଇଁ ଆସିଥାନ୍ତି। ଏହି କେନ୍ଦ୍ରରେ ଯୁବତୀ ଯୁବକମାନଙ୍କୁ କର୍ମନିଯୁକ୍ତି ପ୍ରଶିକ୍ଷଣଠାରୁ ଆରମ୍ଭ କରି ବିଭିନ୍ନ ପ୍ରତିଯୋଗିତାମୂଳକ ବହିପତ୍ର ଯୋଗାଇ ଦିଆଯାଉଥିଲା। ଏବେ ଏହି ସବୁ ବନ୍ଦ ରହିଛି। ଏ ସମ୍ପର୍କରେ ବ୍ରହ୍ମପୁରରେ ଥିବା ଉପ ମହାନିର୍ଦ୍ଦେଶକ ରାବଣ ମୂର୍ତ୍ତି କିଲାନଙ୍କ ସହ ଯୋଗାଯୋଗ କରିବାରୁ ସେ କହିଲେ ସେଠି କୌଣସି କର୍ମଚାରୀଙ୍କୁ ସରକାର ନିଯୁକ୍ତି ଦେଇନାହାନ୍ତି। ସେ କେନ୍ଦ୍ର ବନ୍ଦ ହୋଇଯିବା କଥା, ଯେହେତୁ ଏତେ ଦୂରରୁ ପିଲାମାନେ ଆସୁଛନ୍ତି ସମାନଙ୍କର ଅସୁବିଧା ନ ହେବା ପାଇଁ ଆମ କର୍ମଚାରୀଙ୍କୁ ପଠାଉଛୁ। କୋଠା ମରାମତି ପାଇଁ ବିଶ୍ୱବିଦ୍ୟାଳୟର କୁଳସଚିବଙ୍କୁ ଭେଟି ବାରମ୍ବାର ଜଣାଇଲେ ମଧ୍ୟ ସେ କୌଣସି ପଦକ୍ଷେପ ନେଉ ନାହାନ୍ତି। ଯେହେତୁ ଏହି କୋଠା ବିଶ୍ୱବିଦ୍ୟାଳୟ ଆମକୁ ଦେଇଛି। ସେ ଏହାର ମରାମତି କରିବା କଥା, କିନ୍ତୁ ସେମାନେ ଆମ କଥା ଶୁଣୁନାହାନ୍ତି। କୋଠା ମରାମତି ପାଇଁ ବିଶ୍ୱବିଦ୍ୟାଳୟର କୁଳସଚିବ ରଞ୍ଜନ କୁମାର ବିଶ୍ୱାଳଙ୍କୁ ପଚାରିବାରୁ ସେ ଏହାକୁ ଏଡାଇବା ସହିତ, ସେଠାକୁ କୌଣସି ପିଲା ଆସୁନାହାନ୍ତି। ଯାହା ଭଲ ହେବ ଆମେ ତାହା କରିବୁ ବୋଲି କହିଥିଲେ।


ଅସୁରକ୍ଷିତ ଛାତ।

**ଧରିତ୍ରୀ DHARITRI CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**OFFICIALLY JOB**
ଯୋଗ୍ୟତା : ଦଶମ ପାସ୍/ଫେଲ୍,
ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

**DIRECT JOIN**
JOB LOCATION : BBSR / CTC
- CUSTOMER CARE
- DATA ENTRY
- RECEPTION
- BACK OFFICE
- SECURITY GUARD

Salary : 8000 to 20,000/-
9090758077, 9114090108

**URGENTLY REQUIRED**
Required one women/girl Graduate or Post Graduate with Psychology subject to work at Bhadrak, apply to President NUHASS, Plot No.773, Jayadev Vihar, Bhubaneswar-751013.
*Salary negotiable.*
M- 9437041228
9040268680

**ଆବଶ୍ୟକ**
ମହିଳା ଆବାସିକ ଗୃହରେ ପରିଚାଳିକା ଭାବେ କାର୍ଯ୍ୟ କରିବା ପାଇଁ ଏମ୍‌ଏ ପାସ୍ କରିଥିବା ଓ ୨/୩ ବର୍ଷର ଅଭିଜ୍ଞତା ଥିବା ମହିଳା ପ୍ରାର୍ଥୀ ଆବଶ୍ୟକ।
ଯୋଗାଯୋଗ : ୯୪୩୮୬୭୪୯୧୦
୯୦୪୦୧୨୩୫୬୫

**REQUIRED**
Driver, CRM Sales, Floor Supervisor, Telecaller, Admin. Manager, Gen. Manager, Painter, Dentor for a 4 wheeler dealership.
Call: 9040640373 and 0674-6668822/6667709, Email id - edp.bhubaneswar@renault-india.com, siddharth9909@gmail.com

ଭୁବନେଶ୍ୱର ନୟାପଲ୍ଲୀ ସ୍ଥିତ କଲେଜ ନିମନ୍ତେ
Clerk, Peon, ବସ୍ ଡ୍ରାଇଭର, କାର ଡ୍ରାଇଭର, ହାଉସକିପିଂ Staff ଆବଶ୍ୟକ। ରହିବା ବ୍ୟବସ୍ଥା ଅଛି।
BIMSR-1480, IRC Village
9040009727
8456845313

**ଆବଶ୍ୟକ**
Receptionist, Office Assistant, Supervisor, Computer Operator, Accountant, Telecaller & other Office Staffs ଆବଶ୍ୟକ।
ବୟସ: (18-35) Yrs. Salary (Rs.7500 to Rs.25000)
Contact : 9938676412

**ଆବଶ୍ୟକ**
**ସିକ୍ୟୁରିଟି ଗାର୍ଡ** (ରହିବା ମାଗଣା)
ମାସିକ ଦରମା - 9000/- ରୁ 16000/- ଏବଂ EPF+ESI ଅଛି।
ନିଯୁକ୍ତି ସ୍ଥାନ - ଭୁବନେଶ୍ୱର, କଟକ, ଯାଜପୁର, ପାରାଦ୍ୱୀପ, ଝାରସୁଗୁଡା
M : 8917637741, 8342041401

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ନିଜ ବ୍ଲକ୍ ରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ 10th / +2 & above Qualification ଥିବା candidate ଆବଶ୍ୟକ।
ଦରମା - 7000/- ରୁ 40000/-
9777639313

**ବଢେଇ ଦରକାର!!**
ମାସିକ ଦରମା ଭିତ୍ତିରେ କାଠ-ତିଆରି ଫର୍ଣ୍ଣିଚର ସ୍ଥାପନ/ଇନ୍‌ଷ୍ଟାଲେସନ୍ ପାଇଁ କାଠ-ମିସ୍ତ୍ରି ଆବଶ୍ୟକ। ନିଜର ଦୁଇ-ଚକିଆ ଯାନ, ଡ୍ରିଲିଂ ମେସିନ୍, ସ୍କାନର ସେଟ୍ ଥିବା ଜରୁରୀ। ତୁରନ୍ତ ଯୋଗାଯୋଗ କରନ୍ତୁ # 7070408283

**RAILWAY JOBS**
Petty Repair (ITI) : 14000/-
Bed Roll (10th) : 10000/-
Supervisor (+2/+3) : 15000/-
Storekeeper (+2/+3) : 15000/-
Goods Guard (10th/+2) : 10000/-
JOB LOCATION : Angul, Balangir, Rayagada, Sambalpur, Koraput
CONTACT : 9178912298

**URGENTLY REQUIRED**
Receptionist
Accountant
Administrative Officer
Graduate with Adequate knowledge in the same field.
Interested Candidates may Contact
Mob.: 7381030715
Or send their updated Resume to srikantapattanaik35@gmail.com

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

**ସଂକ୍ଷେପରେ**

## ବିଭିନ୍ନ ଦୋକାନରେ ତହସିଲଦାରଙ୍କ ଚଢ଼ାଉ

ଶେରଗଡ଼,୧୭।୩(ଡି.ଏନ୍.ଏ.)- ଶେରଗଡ଼ ତହସିଲଦାର ଡ. ଦୟାସିନ୍ଧୁ ପରିଡା କରୋନା ପାଇଁ ସୋମବାର ରାତିରୁ ବ୍ୟାପକ ଚଢ଼ାଉ ଓ ସଚେତନତା କାର୍ଯ୍ୟ ଆରମ୍ଭ କରିଛନ୍ତି। ଶେରଗଡ଼ ବଜାରରେ ଥିବା ଫାଷ୍ଟଫୁଡ୍ ଦୋକାନ, ହୋଟେଲ, ମଦ ଦୋକାନ ଆଦିରେ ଚଢ଼ାଉ କରି ତାଗିଦ୍ କରିଥିଲେ। ଶେରଗଡ଼ ଚାରିଛକ, ତିନିଛକ, ବଜାର ଛକ ଆଦିରେ ଲୋକମାନଙ୍କୁ ସଚେତନ କରିବା ସହ ଭିଡ ନ ଜମାଇବାକୁ ପରାମର୍ଶ ଦେଇଥିଲେ। ମଙ୍ଗଳବାର ସକାଳେ ତହସିଲଦାର ରାଶନ ଓ ନିତ୍ୟବ୍ୟବହାର୍ଯ୍ୟ ଦୋକାନ ଛାଡି ଅନ୍ୟସମସ୍ତ ଦୋକାନ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। କୌଣସି ସାମଗ୍ରୀ ଚଢ଼ା ଦରରେ ବିକିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବ୍ୟବସାୟୀଙ୍କୁ ଚେତାବନୀ ଦେଇଛନ୍ତି।

## ଗଞ୍ଜେଇ ଜବତ, ୨ଗିରଫ

ଦାରିଙ୍ଗବାଡି,୧୭।୩(ଡି.ଏନ୍.ଏ.)- ଦାରିଙ୍ଗବାଡି ପୋଲିସ ପକ୍ଷରୁ ପାଟ୍ରୋଲିଂବେଳେ ଗଞ୍ଜେଇ ଚୋରାଚାଲଣ କରୁଥିବା ଏକ କାର୍ ଯାଞ୍ଚ କରାଯାଇ ୨୦କେଜି ଗଞ୍ଜେଇକୁ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ୨ଜଣଙ୍କୁ ଗିରଫ କରାଯାଇଥିବା ଆଇଆଇସି କୌଶିକ ମାଝୀ ସୂଚନା ଦେଇଛନ୍ତି । ଗିରଫ ୨ଜଣ ହେଲେ ବାଲିଗୁଡା ଥାନା ବୋରିକିଆ ଗ୍ରାମର ଗେଗୁ ମଲ୍ଲିକ(୩୬) ଏବଂ ଗୋବିନ୍ଦ ମଲ୍ଲିକ(୫୫)। କାର୍ ଚାଳକ ଘଟଣା ସ୍ଥଳରୁ ଫେରାର୍ ହୋଇଯାଇଛନ୍ତି। ନଂ.୪୦/୨୦ରେ ମାମଲା ରୁଜୁକରି ତଦନ୍ତ ଚାଲିଛି।
ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗଞ୍ଜେଇ ଚୋରା ଚାଲଣ କରାଯାଉଥିବା ଖବର ପାଇ ପୋଲିସ ୫୯ନଂ. ଜାତୀୟରାଜପଥର ସୁଲୁମାହାଠାରେ ବ୍ଲକିଂକରି ଯାଞ୍ଚ କରୁଥିଲା। କାର (ନଂ.ଓଆର-୦୨ଏଚ-୫୫୬୭)କୁ ଅଟକାଇବାବେଳେ ପୋଲିସକୁ ଦେଖି ଚାଳକ ଗାଡି ଛାଡି ଚମ୍ପଟ ମାରିଥିଲା। ପୋଲିସ କାରରେ ଥିବା ଅନ୍ୟ ୨ଜଣଙ୍କୁ ଗିରଫ କରିଥିଲା।

# ୧୪୪ ଧାରା ସତ୍ତ୍ୱେ ଚାଲିଛି ଏମ୍‌ଜିଏନ୍‌ଆରଇଜିଏସ୍ କାମ

ପୁରୁଷୋତ୍ତମପୁର, ୧୭।୩ (ଡି.ଏନ.ଏ.)

ଗଞ୍ଜାମ ଜିଲାରେ ମାରାତ୍ମକ କରୋନା ଭାଇରସକୁ ନେଇ ଜିଲାପାଳ ୧୪୪ ଧାରା ଜାରିକରି ପାଞ୍ଚ ଜଣରୁ ଅଧିକା ଲୋକ ଗୋଟିଏ ସ୍ଥାନରେ ଗହଳି କରିବା ନେଇ କଟକଣା ଜାରି କରିଛନ୍ତି। ହେଲେ ବିଭିନ୍ନ ପଞ୍ଚାୟତରେ

**ପୁରୁଷୋତ୍ତମପୁର ବ୍ଲକ**

ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ଚାଲିଥିବା କାମରେ ବହୁ ସଂଖ୍ୟାରେ ଶ୍ରମିକ ଏକାଠି ହୋଇ କାମ କରୁଛନ୍ତି। ଏନେଇ ସ୍ଥାନୀୟ ପ୍ରଶାସନ ଗୁରୁତ୍ୱ ଦେଉନାହିଁ ବୋଲି ଲୋକଙ୍କ ମଧ୍ୟରେ ଆଲୋଚନା ହେଉଛି। ଶିକୁଳା ପଞ୍ଚାୟତର ଶିକୁଳା ଗ୍ରାମରେ ଥିବା ଭଗବତ ଗାଡିଆର ପୁନରୁଦ୍ଧାର କାର୍ଯ୍ୟ ଚାଲିଥିବା ବେଳେ ବଡ ବରଗାଁ ପଞ୍ଚାୟତର ତେନ୍ତୁଳିଆ ବନ୍ଧ, ନୂଆଗାଁ ବନ୍ଧ ଓ ବଡ ବରଗାଁର ଗୁହାଁଳିଆ ହଜ୍‌ର ପୁନରୁଦ୍ଧାର କାମ ଚାଲିଛି। ଏନେଇ ବଡବରଗାଁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅରକ୍ଷିତ ଶାସମଲଙ୍କ ସହ ଯୋଗାଯୋଗ କରିବାରୁ ସେ ଏଥିନେଇ କିଛି ନିର୍ଦ୍ଦେଶନାମା ଜିଲା ପ୍ରଶାସନଠାରୁ ଆସି ନ ଥିବା କହିଥିବାବେଳେ ଶିକୁଳା ପଞ୍ଚାୟତ ନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ଗୌଡଙ୍କ ସହ ଯୋଗାଯୋଗ କରାଯିବାରୁ ସେ ମଧ୍ୟ ନିର୍ଦ୍ଦେଶ ଆସିଲେ ବନ୍ଦ କରିଦେବୁ ବୋଲି କହିଛନ୍ତି।



ଲୋକ କାମ କରୁଛନ୍ତି।

# ସ୍ୱତନ୍ତ୍ର ୱାର୍ଡରେ ଥିବା ୮ ଜଣଙ୍କ ଉପରେ ନଜର

### କନ୍ଧମାଳ ଜିଲାରେ କରୋନା ମୁକାବିଲା

ଫୁଲବାଣୀ ଅଫିସ, ୧୭।୩

କରୋନା ପ୍ରତିକାର ପାଇଁ କନ୍ଧମାଳ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସବୁଠି ନଜର ରଖାଯାଇଛି । ମଙ୍ଗଳବାର ସୁଦ୍ଧା ଜିଲା ବାହାରର ୮୫୬ ଜଣଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି । ସେମାନଙ୍କ ମଧ୍ୟରୁ ୮ ଜଣଙ୍କୁ କରୋନା ପାଇଁ ହୋଇଥିବା ମେଡିକାଲର ସ୍ୱତନ୍ତ୍ର ୱାର୍ଡରେ ରଖାଯାଇ ନଜର ରଖାଯାଇଛି । ୧୪ ଦିନ ପରେ ଏମାନଙ୍କୁ ଛାଡି ଦିଆଯିବ ।

ବାରଖମା ସିଏଚସିରେ ୩୩, ବ୍ରାହ୍ମଣପାଦରେ ୫୪, ଦାରିଙ୍ଗିବାଡ଼ିରେ ୩୪୪, ଜି.ଉଦୟଗିରିରେ ୬୪, ଗୁମାଗଡ଼ରେ ୧୨, ଖଜୁରିପଡ଼ାରେ ୨୭, ସୁବର୍ଣ୍ଣଗିରିରେ ୮୧, କ.ନୂଆଗାଁରେ ୩୯, ଫିରିଙ୍ଗିଆରେ ୫୫, ରାଇକିଆରେ ୧୫, ଟିକାବାଲିରେ ୩୩, ତୁମୁଡ଼ିବନ୍ଧରେ ୫୯, ବାଲିଗୁଡ଼ରେ ଜଣେ ଓ ଫୁଲବାଣୀରେ ୩୯ ଜଣଙ୍କୁ ମିଶାଇ ମୋଟ ୮୫୬ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଜିଲାରେ ଏ ପର୍ଯ୍ୟନ୍ତ କାହାକୁ କରୋନା ସଂକ୍ରମଣ ହୋଇନାହିଁ । ସଚେତନ ରହି ଭୟଭୀତ ନ ହେବାକୁ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରାଜଶ୍ରୀ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଥଣ୍ଡା, ଜ୍ୱର ହେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇବାକୁ ସେ ପରାମର୍ଶ ଦେଇଛନ୍ତି।

# କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଧ୍ୟାନ କଲେ ଜିଲାପାଳ

ଜି.ଉଦୟଗିରି,୧୭।୩(ଡି.ଏନ.ଏ.)

କନ୍ଧମାଳ ଜିଲାପାଳ ଡା.ବୃନ୍ଦା ଡ଼ି ମଙ୍ଗଳବାର କ୍ଲବ, ହସପିଟାଲ ଓ ଏନ୍‌ଏସି ପକ୍ଷରୁ କରୋନା ସଚେତନତା କାର୍ଯ୍ୟକ୍ରମ ଓ ପ୍ରତିଷେଧକ ପ୍ରସ୍ତୁତି କିପରି ଚାଲିଛି ଅନୁଧ୍ୟାନ କରିଥିଲେ। ଜି.ଉଦୟଗିରି ଆହାର କେନ୍ଦ୍ରରେ ଭୋଜନ କରିବା ସହିତ ସେଠାରେ ଲୋକଙ୍କୁ କିପରି ସଚେତନ କରାଯାଉଛି ପଚାରି ବୁଝିଥିଲେ। ଏଥିସହ ଜିଲାପାଳ ବିଭିନ୍ନ ଗ୍ରାମ ମଧ୍ୟ ପରିଦର୍ଶନ କରିଥିଲେ। ତାଙ୍କ ସହିତ ସ୍ଥାନୀୟ ବିଡିଓ ଶାନ୍ତନୁ କୁମାର ନାୟକ, ଭାରପ୍ରାପ୍ତ ଏନ୍‌ଏସି ଅଧିକାରୀ ବାଇଧର ଗୌଡ଼ ମଧ୍ୟ ବୁଲି ଦେଖିଥିଲେ। ବ୍ଲକର ୮ ପଞ୍ଚାୟତରେ ଆଇସୋଲେଶନ କେନ୍ଦ୍ର ଖୋଲାଯାଇଛି ବୋଲି ବିଡିଓ କହିଛନ୍ତି । ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମଧ୍ୟ ଜନସାଧାରଣଙ୍କୁ ସଚେତନ କରାଯାଇଛି ଓ ରାଜ୍ୟ ଓ ଦେଶ ବାହାରୁ ଆସୁଥିବା ଲୋକଙ୍କୁ ହୋମ ଆଇସୋଲେଶନରେ ରଖାଯାଇଛି ବୋଲି ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଶଶିକାନ୍ତ ମଲ୍ଲିକ କହିଛନ୍ତି।

# ୧୪୪ ଜାରି ପରେ ଏଟିଏମ୍‌ରେ ଭିଡ଼

ଦାରିଙ୍ଗବାଡ଼ି,୧୭।୩(ଡି.ଏନ.ଏ)

କନ୍ଧମାଳ ଜିଲାରେ ମଙ୍ଗଳବାର ୧୪୪ ଧାରା ଜାରି ପରେ ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଥିବା ଏଟିଏମ୍‌ରେ ବେଶ୍ ଭିଡ ପରିଲକ୍ଷିତ ହୋଇଥିଲା। ଲମ୍ବା ଧାଡ଼ିରେ ଛାଡିହୋଇ ଲୋକେ ଟଙ୍କା ଉଠାଉଥିଲେ। ଗାଟିଏ ପଟେ ଖରାର ପ୍ରଭାବ ବୃଦ୍ଧି ପାଉଥିବାବେଳେ ପ୍ରଶାସନ ପକ୍ଷରୁ ଭିଡ଼ ନକରିବାକୁ ପରାମର୍ଶ ଦିଆଯାଇଛି। ହେଲେ ଦାରିଙ୍ଗବାଡ଼ି ଅଞ୍ଚଳରେ ଭାରତୀୟ ଷ୍ଟେଟବ୍ୟାଙ୍କର ଏକମାତ୍ର ଏଟିଏମ୍ କାଉଣ୍ଟର ରହିଥିବାରୁ ଟଙ୍କା ଉଠାଇବାକୁ ଭିଡ଼ ଜମୁଛି। ଟଙ୍କା ନେଣଦେଣବେଳେ ସାନିଟାଇଜର ବ୍ୟବହାର କିମ୍ବା ସାବୁନରେ ହାତ ଧୋଇବା ବ୍ୟବସ୍ଥା ନଥିବାରୁ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଥିଲା। ତେବେ ଏଟିଏମ୍ ନିକଟରେ ରହିଥିବା ବ୍ୟାଙ୍କରେ କିନ୍ତୁ ସାନିଟାଇଜର ଯୋଗାଇଦିଆଯିବା ସହ ବ୍ୟାଙ୍କ ଭିତରକୁ ଏକକାଳୀନ ମାତ୍ର ୫ଜଣଙ୍କୁ ଛଡ଼ାଯାଉଥିବା ଶାଖା ପରିଚାଳକ ଅଜୟ କୁମାର ପ୍ରଧାନ କହିଛନ୍ତି। ଗ୍ରାହକଙ୍କୁ ସଚେତନତା ସହ ହାତଧୋଇବା ବ୍ୟବସ୍ଥା ଓ ମାସ୍କ କିମ୍ବା ରୁମାଲ ମୁହଁରେ ଦେଇ ଭିତରକୁ ଛଡ଼ାଯାଉଥିବା କହିଛନ୍ତି। କର୍ମଚାରୀ ଅଭାବରୁ ଏଟିଏମ୍‌ରେ ସାନିଟାଇଜର ଓ ହାତଧୋଇବା ବ୍ୟବସ୍ଥା କରାଯାଇପାରୁନଥିବା ଶାଖା ପରିଚାଳନ କହିଛନ୍ତି।



## ହୋଟେଲ ଫାଷ୍ଟଫୁଡ଼ ଦୋକାନରେ ଚଢ଼ାଉ

# ଚଢ଼ା ଦରରେ ସାମଗ୍ରୀ ବିକିଲେ କାର୍ଯ୍ୟାନୁଷ୍ଠାନ

ପାଟପୁର,୧୭।୩

ସାନଖେମୁଣ୍ଡି ତହସିଲଦାର ଅମିତ କୁମାର ନାୟକ ଓ ପାଟପୁର ଥାନା ଏସ୍‌ଆଇ ଶୁଭ୍ରଜିତ ସାମନ୍ତରାୟ ଅଞ୍ଚଳରେ ଥିବା ଫାଷ୍ଟଫୁଡ଼ ଦୋକାନ, ହୋଟେଲ, ମଦ ଦୋକାନରେ ମଙ୍ଗଳବାର ଚଢ଼ାଉ କରିଥିଲେ। ପଳାସପୁର, ତିନିଛକ, ଢେଙ୍ଗାଓସ୍ତା, କଙ୍କୋରଡା ଅଞ୍ଚଳରେ ରହି ଲୋକମାନଙ୍କୁ ସଚେତନ କରିବା ସହ ୧୪୪ ଧାରା ସମ୍ପର୍କରେ ବୁଝାଇଛନ୍ତି। ମଧ୍ୟାହ୍ନରେ ତହସିଲଦାର ତେଜରାତି ଦୋକାନକୁ ଛାଡି ଅନ୍ୟ ସମସ୍ତ ଦୋକାନଗୁଡିକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷକୁ ଚଢ଼ା ଦରରେ ବିକିଲେ କଡ଼ା କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ୟବସାୟୀଙ୍କୁ ଚେତାଇ ଦେଇଛନ୍ତି।

# ଟ୍ରାକ୍ଟର-ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

ଆସିକା,୧୭।୩(ଡି.ଏନ୍.ଏ.)– ଆସିକା ଧରାକୋଟ ମୁଖ୍ୟ ରାସ୍ତାର ଧଉଗାଁ ନିକଟରେ ମଙ୍ଗଳବାର ରାତି ପ୍ରାୟ ସାଢ଼େ ୮ଟାରେ ଗୋଟିଏ ଆଖୁ ବୋଝେଇ ଟ୍ରାକ୍ଟର ସହ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିର ଜଣେ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଧରାକୋଟ ଥାନା ପୁଟୁ ଗାଁର ନାରାୟଣ ବେହେରା। ଆହତ ହେଲେ ଆସିକା ଥାନା ବାବନପୁର ଗ୍ରାମର ଲକ୍ଷ୍ମୀ ନାରାୟଣ ଗନ୍ତାୟତ। ନାରାୟଣ ଓ ଲକ୍ଷ୍ମୀ ଆସିକାରୁ ପୁଟୁ ଅଭିମୁଖେ ଯାଉଥିବା ବେଳେ ଶେରଗଡ଼ ଅଞ୍ଚଳରୁ ଆସୁଥିବା ଏକ ଆଖୁ ବୋଝେଇ ଟ୍ରାକ୍ଟର ସହ ଧକ୍କା ହୋଇଥିଲା। ଉଭୟ ଆହତଙ୍କୁ ଆସିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ନାରାୟଣଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଗୁରୁତର ଲକ୍ଷ୍ମୀଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଧରାକୋଟ ପୋଲିସ ଡାକ୍ତର ଖାନାରେ ପହଞ୍ଚି ତଦନ୍ତ ଚଳାଇଛି।

# ଅଗ୍ନିକାଣ୍ଡରେ ୨ବଖରା ଜଳିଗଲା

ଶଙ୍କରାଖୋଲ,୧୭।୩(ଡି.ଏନ୍.ଏ.)

ଚକାପାଦ ବ୍ଲକ ଆରାବାକା ପଞ୍ଚାୟତ କାମ୍ବିକିଆ ଗ୍ରାମରେ ମଙ୍ଗଳବାର ରାତିରେ ଅଗ୍ନିକାଣ୍ଡ ଘଟି ପ୍ରେମଶିଳା ମଳିକଙ୍କ ଦୁଇ ବଖରା ପୋଡ଼ି ପାଉଁଶ ହୋଇଯାଇଛି। ପ୍ରାୟ ୫୦ହଜାର ଟଙ୍କା କ୍ଷତି ହୋଇଥିବା ପରିବାର ଲୋକେ କହିଛନ୍ତି। ଟିକାବାଲି ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲା। ସରପଞ୍ଚ ନାରାୟଣ ପ୍ରଧାନ ପହଞ୍ଚି କ୍ଷତିଗ୍ରସ୍ତ ପରିବାରକୁ ସମବେଦନା ଜଣାଇବା ସହ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ।

# ମହିଳାଙ୍କୁ ଅସଦାଚରଣ ଘଟଣା: ଅଭିଯୁକ୍ତ ଗଲେ ଜେଲ

ଦିଗପହଣ୍ଡି,୧୭।୩(ଡି.ଏନ.ଏ.)

ମହିଳାଙ୍କୁ ଅସଦାଚରଣ ମାମଲାରେ ଦିଗପହଣ୍ଡି ପୋଲିସ ମଙ୍ଗଳବାର ଅପରାହ୍ନରେ ଛଣମେରି ଗ୍ରାମର ବୃଦ୍ଧ ସୀମାଞ୍ଚଳ ପ୍ରଧାନଙ୍କୁ ଥାନା ମାମଲା ନଂ.୩୮/୨୦ ଅନୁଯାୟୀ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସନ୍ଧ୍ୟାରେ ତାଙ୍କୁ ଦିଗପହଣ୍ଡି ସବ୍‌ଜେଲକୁ ପଠାଇ ଦିଆଯାଇଛି। ଗତ ଫେବୃୟାରୀ ୨୩ ତାରିଖ ରାତିରେ ସୀମାଞ୍ଚଳ ଅନ୍ୟ ଏକ ଗ୍ରାମର ଜଣେ ମହିଳାଙ୍କ ଘର ପାଖକୁ ଯାଇ ତାଙ୍କୁ ଗାଳିଗୁଲଜ କରିବା ସହ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ମହିଳା ଜଣକ ଘଟଣାର ୫ ଦିନ ପରେ ଥାନାରେ ଏତଲା ଦେଇଥିଲେ। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କ ନାଁରେ ମକଦ୍ଦମା ରୁଜୁ କରିଥିଲା। ବ୍ୟାଙ୍କରୁ ଋଣ କରାଇ ଦେବି କହି ମହିଳାଙ୍କ ସ୍ୱାମୀ ସୀମାଞ୍ଚଳଙ୍କଠାରୁ ୧୬ ହଜାର ଠକି ନେଇଥିଲେ। ସୀମାଞ୍ଚଳ ଓ ତାଙ୍କ ସ୍ତ୍ରୀଙ୍କୁ ପାନ କାର୍ଡ, ବ୍ୟାଙ୍କ ଜମାଖାତା, ଆଧାର କାର୍ଡ, ଘର ଓ ଜମି ପଟ୍ଟା ମାଗି ନେଇଥିଲେ। ପରବର୍ତ୍ତୀ ସମୟରେ ବ୍ୟାଙ୍କରୁ ୨୦ ଲକ୍ଷ ଟଙ୍କା ଋଣ ମଞ୍ଜୁର ପାଇଁ ମହିଳାଙ୍କ ସ୍ୱାମୀ ସୀମାଞ୍ଚଳଙ୍କୁ ୨ ଲକ୍ଷ ଟଙ୍କା ମାଗିଥିଲେ। ସୀମାଞ୍ଚଳ ଏଥିରେ ଅକ୍ଷମତା ପ୍ରକାଶ କରିବା ସହ ମହିଳାଙ୍କ ସ୍ୱାମୀଙ୍କୁ ଦେଇଥିବା ପଟ୍ଟା, ପାନ କାର୍ଡ ଆଦି ମାଗିବାରୁ ମହିଳା ଜଣକ ତାଙ୍କ ବିରୋଧରେ ମିଥ୍ୟା ଅଭିଯୋଗ କରିଥିବା ସୀମାଞ୍ଚଳ ପୋଲିସକୁ କହିଛନ୍ତି।










1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ